# ଉଦ୍ୟାନ ଉପନିର୍ଦ୍ଦେଶକ କେନ୍ଦୁଝରଙ୍କ କାର୍ଯ୍ୟାଳୟ, କେନ୍ଦୁଝର

ବିଜ୍ଞାପନ ସଂଖ୍ୟା ୬୩୨ / ଉଦ୍ୟାନ ତା ୧୬.୦୩.୨୦୨୦ /

## ଆମ୍ବ ଓ ଲିଚୁ ଫଳର ନିଲାମ ନୋଟିସ୍

ଏତ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନ ସ୍ୱାକ୍ଷରକାରୀଙ୍କ ଅଧିନରେ ଥିବା ବାଂଶପାଳ ବ୍ଲକ୍ ଅନ୍ତର୍ଗତ କୁଆଁର ଫାର୍ମର ୮୪୮ଗୋଟି ଫଳନ୍ତି ଆମ୍ବଗଛର ଫଳ ଓ ୩୭ଟି ଲିଚୁ ଗଛର ଫଳ, ତରମାକାନ୍ତ ଫାର୍ମର ୮୦ଗୋଟି ଆମ୍ବ ଗଛର ଫଳ ନିଲାମ ଜରିଆରେ ବିକ୍ରୟ କରାଯିବ । ନିଲାମ ତା୦୭.୦୪.୨୦୨୦ରିଖ ଦିନ ସ୍ଥିର କରାଯାଇଛି । ଆଗ୍ରହୀ ନିଲାମଧାରୀ ଯେ କୌଣସି ସରକାରୀ କାର୍ଯ୍ୟ ଦିବସରେ କୁଆଁର ଫାର୍ମ, ତରମାକାନ୍ତ ଫାର୍ମ ର ଫଳ ବଗିଚା ପରିଦର୍ଶନ କରି ପାରିବେ । ବିଭିନ୍ନ ଫାର୍ମ ଓ ନର୍ସରୀ ପାଇଁ ପୃଥକ ପୃଥକ ଭାବେ ଟେଣ୍ଡର ଫର୍ମ ଓ ନିଲାମ ସମ୍ବନ୍ଧୀୟ ନିୟମାବଳୀ ଉଦ୍ୟାନ ଉପନିର୍ଦ୍ଦେଶକ କେନ୍ଦୁଝରଙ୍କ କାର୍ଯ୍ୟାଳୟରୁ ୨୦ଟଙ୍କା ବିନିମୟରେ ପ୍ରତ୍ୟେକ କାର୍ଯ୍ୟଦିବସରେ ପାଇପାରିବେ । ପ୍ରାର୍ଥୀମାନେ ଭିନ୍ନ ଭିନ୍ନ ଫାର୍ମ ଓ ନର୍ସରୀ ପାଇଁ ଭିନ୍ନ ଭିନ୍ନ ଟେଣ୍ଡର ଫର୍ମ ଜଉମୁଦ ଦିଆ ଲଫପାରେ ତା୦୬.୦୪.୨୦୨୦ରିଖ ଅପରାହ୍ନ ୫ଘଟିକା ସୁଦ୍ଧା ଉଦ୍ୟାନ ଉପନିର୍ଦ୍ଦେଶକ, କେନ୍ଦୁଝରଙ୍କ କାର୍ଯ୍ୟାଳୟରେ ରେଜଷ୍ଟ୍ରି ଡାକ ଅଥବା କୋରିଅର ଡାକ ସେବା ଯୋଗେ ଦାଖଲ କରିବା ଆବଶ୍ୟକ । ପ୍ରତ୍ୟେକ ନିଲାମଧାରୀ ଫାର୍ମ ଓ ନର୍ସରୀ ଅନୁଯାଇ ନିଲାମ ମୂଲ୍ୟ ପ୍ରଦାନ କରିବେ । ପ୍ରତ୍ୟେକ ଟେଣ୍ଡର ଫର୍ମ ପାଇଁ ପୃଥକ୍ ପୃଥକ୍ ଭାବେ ଅମାନତ ରାଶି ନିମ୍ନ ମତେ ଦାଖଲ କରିବେ ।

| କ୍ର. ନଂ. | ଫାର୍ମର ନାମ | ନିଲାମ ଦିଆଯିବା ଗଛ ସଂଖ୍ୟା | ଅମାନତ ରାଶି ବ୍ୟାଙ୍କ ଡ୍ରାଫଟ୍ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ କେନ୍ଦୁଝର ଶାଖା ଜରିଆରେ | ମନ୍ତବ୍ୟ |
|---|---|---|---|---|
| ୧ | କୁଆଁର ଫାର୍ମ | ୮୪୮ ଆମ୍ବ ଓ ୩୭ଲିଚୁ | ନିଲାମ ଡାକିଥିବା ମୂଲ୍ୟର ୧୦ଶତକଡା (ଉଦାହରଣ - ଯଦି ଆପଣ ୧ (ଏକ) ଲକ୍ଷ ଟଙ୍କାର ନିଲାମ ଡାକିଅଛନ୍ତି, ତେବେ ୧୦,୦୦୦.୦୦ ଟଙ୍କାର ଅମାନତ ମୂଲ୍ୟର ବ୍ୟାଙ୍କ୍ ଡ୍ରାଫଟ୍ ଦାଖଲ କରିବେ ।) | ନିଲାମଧାରୀ ଫାର୍ମ ଅନୁଯାଇ ନିଲାମ ମୂଲ୍ୟ ପ୍ରଦାନ କରିବେ। |
| ୨ | ତରମାକାନ୍ତ ଫାର୍ମ | ୮୦ ଆମ୍ବ ଗଛ | | |

ଉକ୍ତ ତା୦୭.୦୪.୨୦୨୦ରିଖ ପୂର୍ବାହ୍ନ ୧୧.୩୦ସମୟରେ ଉଦ୍ୟାନ ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ଥିବା ନିଲାମ କମିଟିର ସଭ୍ୟବୃନ୍ଦ ଓ ପ୍ରାର୍ଥୀମାନଙ୍କ ସମ୍ମୁଖରେ ଜଉମୁଦ ଦିଆ ଲଫାପାଗୁଡିକ ଖୋଲାଯିବ । ଭିନ୍ନ ଭିନ୍ନ ଫାର୍ମ ପାଇଁ ଭିନ୍ନ ଭିନ୍ନ ଭାବେ ନିଲାମ ପ୍ରକ୍ରିୟା ଏକ ସମୟରେ ସଂପାଦନ କରାଯିବ । ଅସଫଳ ପ୍ରାର୍ଥୀଙ୍କର ଅମାନତ ଜମାରାଶି ବାବଦକୁ ଜମାକରିଥିବା ବ୍ୟାଙ୍କ ଡ୍ରାଫ୍ଟଟି ସେହି ନିଲାମ ସ୍ଥାନରେ ଫେରସ୍ତ କରିଦିଆଯିବ । ନିଲାମରେ ସଫଳ ପ୍ରାର୍ଥୀଙ୍କୁ ସେହିଦିନ ନିଲାମ ମୂଲ୍ୟର ସମ୍ପୂର୍ଣ୍ଣ ମୂଲ୍ୟ ଅପରାହ୍ନ ୫ଘଟିକା ମଧ୍ୟରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଦାଖଲ କରିବାକୁ ପଡିବ । ନିଲାମ ଧାର୍ଯ୍ୟ ହୋଇଗଲାପରେ ଯଦି କୌଣସି ପ୍ରାକୃତିକ ବିପର୍ଯ୍ୟୟ ଯୋଗୁଁ ଯଦି ଫଳ ବଗିଚାର କୌଣସି କ୍ଷୟକ୍ଷତି ହୁଏ ତେବେ ସେଥିପାଇଁ ନିମ୍ନସ୍ୱାକ୍ଷରକାରୀ ଦାୟୀ ହେବେ ନାହିଁ । କୌଣସି କାରଣ ନ ଦର୍ଶାଇ ନିମ୍ନସ୍ୱାକ୍ଷରକାରୀ ନିଲାମକୁ ରଦ୍ଦ କରିପାରିବେ।

ସ୍ୱା- ଓମ୍ ପ୍ରକାଶ ରଥ
ଉଦ୍ୟାନ ଉପନିର୍ଦ୍ଦେଶକ,
କେନ୍ଦୁଝର